# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**17tn August - 2024**

**News Editor : *Tapan Kumar Maharana***

**************************************

## ମୁଖ୍ୟ ସମ୍ବାଦ

- ସାମ୍ବିଧାନିକ ବ୍ୟବସ୍ଥାରେ ବାସ୍ତବ କ୍ଷମତାର ଅଧିକାରୀ ହେଉଛନ୍ତି ଜନସାଧାରଣ; କହିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ
- ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସମ୍ବଲପୁରଠାରେ ଜନସାଧାରଣଙ୍କର ବିଭିନ୍ନ ଅଭିଯୋଗ କଲେ ସମୀକ୍ଷା
- କଟକ ଆକାଶବାଣୀ କେନ୍ଦ୍ର ପକ୍ଷରୁ କଟକର କଳାବିକାଶ କେନ୍ଦ୍ରରେ ଚାଲିଛି 'ମୁକ୍ତି ଗୀତିକା' କାର୍ଯ୍ୟକ୍ରମ

ଏବଂ

- ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତା ସୋମବାର ପର୍ଯ୍ୟନ୍ତ ଲାଗି ରହିବ ବର୍ଷା

# ବିଧାୟକଙ୍କ ପ୍ରଶିକ୍ଷଣ ଶିବିର

ସାମ୍ବିଧାନିକ ବ୍ୟବସ୍ଥାରେ ବାସ୍ତବ କ୍ଷମତାର ଅଧିକାରୀ ହେଉଛନ୍ତି ଜନସାଧାରଣ। ଗଣତାନ୍ତ୍ରିକ ଶାସନ ପଦ୍ଧତିର ସଠିକ୍ କାର୍ଯ୍ୟକାରିତା ଦେଶକୁ ଉନ୍ନତିପଥରେ ଅଗ୍ରସର କରାଉଛି ବୋଲି ନବ ନିର୍ବାଚିତ ବିଧାୟକମାନଙ୍କ ପ୍ରଶିକ୍ଷଣ ଶିବିରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଓଡ଼ିଶାକୁ ବିକଶିତ ଭାରତ ବର୍ଷର ଏକ ଶ୍ରେଷ୍ଠ ରାଜ୍ୟ ଭାବେ ଗଢ଼ିତୋଳିବା ପାଇଁ ମୁଖ୍ୟମନ୍ତ୍ରୀ ନବନିର୍ବାଚିତ ବିଧାୟକମାନଙ୍କୁ ଆହ୍ୱାନ ଦେଇଛନ୍ତି।

ରାଜ୍ୟ ବିଧାନସଭାର ନବନିର୍ବାଚିତ ବିଧାୟକଙ୍କ ପାଇଁ ଆଜିଠାରୁ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି । ସେମାନଙ୍କୁ ବିଧାନସଭାର କାର୍ଯ୍ୟକଳାପ ସହିତ ଗୃହର ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଭାଗ ନେବା ସମ୍ବନ୍ଧରେ ପ୍ରଶିକ୍ଷଣ ଦିଆଯାଉଛି । କେନ୍ଦ୍ର ସଂସଦୀୟ ବ୍ୟପାର ମନ୍ତ୍ରୀ କିରଣ ରିଜିଜୁ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଛନ୍ତି, ବିଧାୟକମାନଙ୍କର ଶୃଙ୍ଖଳିତ ଆଚରଣ, ଉଚ୍ଚାରଣ ଏବଂ ଉତ୍ତମ କାର୍ଯ୍ୟଶୈଳୀ ଗଣତାନ୍ତ୍ରିକ ପରମ୍ପରାକୁ ସୁଦୃଢ଼ କରିଥାଏ। ସୂଚନା ଅନୁସାରେ, ସପ୍ତଦଶ ବିଧାନସଭାରେ ୮୪ ଜଣ ନୂଆ ବିଧାୟକ ନିର୍ବାଚିତ ହୋଇଛନ୍ତି। ବିଜେପିରୁ ସର୍ବାଧିକ ୫୪ ଜଣ ନବାଗତ ବିଧାୟକ ଥିବା ବେଳେ ବିଜେଡ଼ିରୁ ୧୮, କଂଗ୍ରେସରୁ ୯ ଓ ୩ ଜଣ ସ୍ୱାଧୀନ ନବନିର୍ବାଚିତ ବିଧାୟକ ଅଛନ୍ତି ।

*Desk*

# ଡାକ୍ତର-କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ

ଡାକ୍ତରମାନଙ୍କ ବିରୋଧରେ ହିଂସାକାଣ୍ଡ ଘଟିଲେ ୬ ଘଣ୍ଟା ମଧ୍ୟରେ ମାମଲା ରୁଜୁ କରିବା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦେଶର ସମସ୍ତ ସ୍ୱାସ୍ଥ୍ୟସେବା ଅନୁଷ୍ଠାନ ଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି । କେନ୍ଦ୍ର ସରକାରଙ୍କର ନିର୍ଦ୍ଦେଶ ଅନୁସାରେ ଡାକ୍ତର ଏବଂ ରୋଗୀଙ୍କୁ ସେବା ଦେଉଥିବା ବ୍ୟକ୍ତିବିଶେଷଙ୍କୁ ସୁରକ୍ଷା ଦେବାରେ ସ୍ୱାସ୍ଥ୍ୟସେବା ଅନୁଷ୍ଠାନଗୁଡ଼ିକର ମୁଖ୍ୟ ଦାୟିତ୍ୱ ରହିଛି । କୋଲକାତା ସମେତ ଦେଶର କେତେକ ସ୍ଥାନରେ ଡାକ୍ତରମାନେ ସେମାନଙ୍କର ସୁରକ୍ଷାକୁ ନେଇ ଆନ୍ଦୋଳନ ଜାରି ରଖିଥିବା ପରିପ୍ରେକ୍ଷୀରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି ।

ଅନ୍ୟପକ୍ଷରେ କଟକ ଏସ୍‌ସିବି ମେଡିକାଲ କଲେଜ୍ କନିଷ୍ଠ ଡାକ୍ତରମାନଙ୍କ ୪ ଦଫା ଦାବି ପୂରଣ ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନ ପରିପ୍ରେକ୍ଷୀରେ ମେଡିକାଲ କଲେଜର ଅଧିକ୍ଷକ ଡାକ୍ତର ସୁଧାଂଶୁ ମିଶ୍ର ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଆନ୍ଦୋଳନରତ ଡାକ୍ତରମାନେ ଜରୁରିକାଳୀନ ରୋଗୀସେବାରେ ନିୟୋଜିତ ଅଛନ୍ତି । ରୋଗୀସେବା ବାଧାପ୍ରାପ୍ତ ନ ହେବା ପାଇଁ କର୍ତ୍ତୃପକ୍ଷ ସମସ୍ତ ପ୍ରକାର ବ୍ୟବସ୍ଥା କରୁଛନ୍ତି । ମେଡିକାଲ କଲେଜର ଡାକ୍ତର ଏବଂ ପ୍ରାଧ୍ୟାପକମାନଙ୍କର ଛୁଟି ବାତିଲ କରାଯାଇଛି ବୋଲି ଡାକ୍ତର ମିଶ୍ର କହିଛନ୍ତି ।

କୋଲକାତାରେ ଘଟିଥିବା ଡାକ୍ତରୀ ଛାତ୍ରୀଙ୍କ ମୃତ୍ୟୁ ଘଟଣାର ପ୍ରତିବାଦରେ କଟକ ବଡ଼ମେଡିକାଲ ସମେତ ରାଜ୍ୟର ଅନ୍ୟ ମେଡିକାଲ କଲେଜ ଗୁଡ଼ିକରେ ଶାନ୍ତିପୂର୍ଣ୍ଣ ଭାବେ ଜୁନିୟର ଡାକ୍ତରମାନେ ଆଜି ଦିନକ ପାଇଁ ଆନ୍ଦୋଳନ ଜାରି ରଖିଛନ୍ତି ।

***Sambalpur***

## ରାଜସ୍ୱ ମନ୍ତ୍ରୀ ସମୀକ୍ଷା

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଆଜି ସମ୍ବଲପୁର ତହସିଲ ଗସ୍ତ କରି ଜନସାଧାରଣଙ୍କର ବିଭିନ୍ନ ଅଭିଯୋଗ ସମ୍ପର୍କରେ ସମୀକ୍ଷା କରିଛନ୍ତି । ଘରଡିହ ପଟ୍ଟା ସର୍ଭେ, ମ୍ୟୁଟେସନ୍, ଜାତିଗତ ପ୍ରମାଣପତ୍ରକୁ ତ୍ୱରିତ ପ୍ରଦାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।  ବୟସ ଆଧାରରେ ପଦୋନ୍ନତି ଦିଆ ନଯାଇ ଏଣିକି କାର୍ଯ୍ୟଦକ୍ଷତା ଅନୁସାରେ ପଦୋନ୍ନତି ଦିଆଯିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ।

***Desk***

## ମୁକ୍ତିଗୀତିକା-ଆକାଶବାଣୀ

ଆକାଶବାଣୀ କଟକ କେନ୍ଦ୍ର ପକ୍ଷରୁ ଆଜି ସନ୍ଧ୍ୟା ୬ଟା ୩୦ ମିନିଟ୍‌ରୁ କଟକ କଳାବିକାଶ କେନ୍ଦ୍ରରେ 'ମୁକ୍ତି ଗୀତିକା' କାର୍ଯ୍ୟକ୍ରମ ଚାଲୁଅଛି । ଏହି କାର୍ଯ୍ୟକ୍ରମରେ ଓଡ଼ିଶୀ, ହିନ୍ଦୁସ୍ତାନୀ, ଭକ୍ତି ତଥା ପଲ୍ଲୀଗୀତର ସୁମଧୁର ସଂଗୀତ ପରିବେଷଣ କରାଯାଉଛି । କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ପୁରସ୍କୃତ କଣ୍ଠଶିଳ୍ପୀ ଡକ୍ଟର ସଙ୍ଗୀତା ଗୋସାଇଁଙ୍କ କଣ୍ଠରେ ଓଡ଼ିଶୀ

ସଙ୍ଗୀତ ଗାୟନ, ଲକ୍ଷ୍ମୀପ୍ରିୟା ନାୟକଙ୍କ ଚଇତି, ଦାଦରା, ଠୁମ୍ରୀ, ଅନ୍ତରା ଚକ୍ରବର୍ତ୍ତୀ ଏବଂ କରୁଣାକର ସେଠୀଙ୍କ ପଲ୍ଲୀ ଓ ଦେଶଭକ୍ତି ଗୀତ ଏବଂ ପ୍ରତିଷ୍ଠିତ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ସମବେତ ଦେଶ ବନ୍ଦନା ଗାନ କରାଯାଇଛି।

***Dhenkanal***

## ଆଇଆଇଏମ୍‌ସି - ନୂଆଦିଲ୍ଲୀ

ଭାରତୀୟ ଜନ ସଂଚାର ସଂସ୍ଥାନ- ଆଇ.ଆଇ.ଏମ୍‌.ସି ନୂଆଦିଲ୍ଲୀ ଆଜି ତାର ୬୦ ତମ ପ୍ରତିଷ୍ଠା ଦିବସ ପାଳନ କରୁଛି। ଢେଙ୍କାନାଳ ଆଇ.ଆଇ.ଏମ୍‌.ସି. ଶାଖା ପକ୍ଷରୁ ସ୍ପନ୍ଦନ ସଭାଗୃହରେ ଭୁବନେଶ୍ୱର ଏନ୍‌.ଆଇ.ଏଫ୍‌.ଟି. ର ନିର୍ଦ୍ଦେଶକ ରାଜେଶ କୁମାର ଝା’ ଯୋଗଦେଇ ଗଣତନ୍ତ୍ରକୁ ମଜଭୁତ କରିବା ପାଇଁ ଦାୟିତ୍ୱବାନ ସାମ୍ବାଦିକମାନଙ୍କର ଆବଶ୍ୟକତା ରହିଛି ବୋଲି କହିଛନ୍ତି। ପରିବର୍ତ୍ତିତ ପରିସ୍ଥିତିରେ ସାମ୍ବାଦିକତା ଶିକ୍ଷା ସହିତ ତତ୍‌ସଂଲଗ୍ନ ପାଠ୍ୟକ୍ରମର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଆଇ.ଆଇ.ଏମ୍‌.ସି. ଢେଙ୍କାନାଳ ଶାଖାର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନ କାର୍ଯ୍ୟକ୍ରମରେ ଯୋଗଦେଇ ଏହି ଅନୁଷ୍ଠାନର ସଫଳ କାହାଣୀ ଏବଂ ଛାତ୍ରଛାତ୍ରୀମାନଙ୍କର କୃତିତ୍ୱ ବିଷୟରେ ଆଲୋକପାତ କରିଥିଲେ।

## ଶ୍ରୀମନ୍ଦିର- ଗହ୍ମା ପୂର୍ଣ୍ଣିମା

ଗହ୍ମା ପୂର୍ଣ୍ଣିମାରେ ଶ୍ରୀମନ୍ଦିରରେ ଭଉଣୀ ଶୁଭଦ୍ରା ତାଙ୍କର ଦୁଇ ଭାଇ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ରଙ୍କୁ ରାକ୍ଷୀ ପିନ୍ଧାଇବେ। ଆସନ୍ତା ସୋମବାର ଦିନ ଶ୍ରୀମନ୍ଦିରରେ ଏହି ନୀତି ପାଳନ କରାଯିବ। ଏଥିନିମନ୍ତେ ଚିତାଲାଗି ଅମାବାସ୍ୟା ପରଠାରୁ ଦୋଳମଣ୍ଡପ ସାହି ସ୍ଥିତ ପାଟରା ବିଷୋୟୀ ସେବକ ସନ୍ତୋଷ ପାତ୍ର ଓ ତାଙ୍କ ପୁତ୍ର ପ୍ରଶାନ୍ତ କୁମାର ପାତ୍ର ରାକ୍ଷୀ ପ୍ରସ୍ତୁତ କରୁଛନ୍ତି। ଶ୍ରୀଜଗନ୍ନାଥ ମହାପ୍ରଭୁ ଦୁଇଟି ରାକ୍ଷୀ ଏବଂ ବଡଭାଇ ଶ୍ରୀବଳଭଦ୍ର ଦୁଇ ହାତରେ ଦୁଇଟି ଲେଖାଏଁ ରାକ୍ଷୀ ପିନ୍ଧିବେ। ହାତରେ ଦୁଇଟି ଗୁଆମାଳ ମଧ୍ୟ ପରିଧାନ କରିବାର ପରମ୍ପରା ରହିଛି। ବାସୁଙ୍ଗା ପାଟରେ ପ୍ରାକୃତିକ ରଙ୍ଗ ହଳଦିଆ, ନୀଳ ଓ ବାଇଗଣି ରଙ୍ଗରେ ଏହି ରାକ୍ଷୀ ପ୍ରସ୍ତୁତ କରାଯାଉଛି।

***Desk/Puri***

## ଓର୍‌ମାସ ରାକ୍ଷୀ ବଜାର

ଓର୍‌ମାସ ପକ୍ଷରୁ ଭୁବନେଶ୍ୱରର ଗ୍ରାମ୍ୟ ଉନ୍ନୟନ ପଞ୍ଚାୟତିରାଜ ପ୍ରତିଷ୍ଠାନ କାର୍ଯ୍ୟାଳୟ ସମ୍ମୁଖରେ 'ଓର୍‌ମାସ ରାକ୍ଷୀ ବଜାର' ଖୋଲାଯାଇଛି । ଖୋର୍ଦ୍ଧା, କଟକ, ମୟୂରଭଞ୍ଜ, କେନ୍ଦ୍ରାପଡା, କେନ୍ଦୁଝର, ଗଞ୍ଜାମ, ରାୟଗଡା, ବରଗଡ ଓ ବାଲେଶ୍ୱର ଆଦି ୯ଟି ଜିଲ୍ଲାର ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଉତ୍ପାଦିକା ଗୋଷ୍ଠୀମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାରର ହାତ ତିଆରି ଜୈବବିଘଟନ ଅନୁକୂଳ ରାକ୍ଷୀ ସୁଲଭ ମୂଲ୍ୟରେ

ବିକ୍ରି ହେଉଛି । ସବାଇ ଘାସ, ମାଳି, ତାଳପତ୍ର ଖୋଦେଇ ଓ ଟେରାକୋଟା ଦ୍ୱାରା ରାକ୍ଷୀ ଗୁଡ଼ିକ ଗ୍ରାହକମାନଙ୍କୁ ଆକୃଷ୍ଟ କରୁଛି। ଗତକାଲିଠାରୁ ଆରମ୍ଭ ହୋଇଥିବା ଓରମାସ୍ ରାକ୍ଷୀ ବଜାର ଆସନ୍ତା ସୋମବାର ପର୍ଯ୍ୟନ୍ତ ଖୋଲାରହିବ ।

## ହଜ୍ ଯାତ୍ରା

ହଜ୍ ଯାତ୍ରା-୨୦୨୫ ପାଇଁ ଇଚ୍ଛୁକ ମୁସଲମାନ୍ ସମ୍ପ୍ରଦାୟର ଭାଇଭଉଣୀଙ୍କ ନିମନ୍ତେ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ଆସନ୍ତା ସେପ୍ଟେମ୍ବର ମାସ ୯ ତାରିଖ ପର୍ଯ୍ୟନ୍ତ ଆବେଦନ ପ୍ରକ୍ରିୟା ଜାରି ରହିବ ବୋଲି କମିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ମିଶ୍ର କହିଛନ୍ତି। ହଜ୍ କମିଟିର ୱେବସାଇଟ୍ hajcommittee.gov.in କିମ୍ବା ମୋବାଇଲ ଆପ୍ 'ହଜ୍ ସୁବିଧା' ମାଧ୍ୟମରେ ହଜ୍ ଯାତ୍ରା ପାଇଁ ଇଚ୍ଛୁକ ବ୍ୟକ୍ତିବିଶେଷ ଆବେଦନ କରିପାରିବେ। ଅଧିକ ତଥ୍ୟ ଜାଣିବା ନିମନ୍ତେ ରାଜ୍ୟ ହଜ୍ କମିଟି କାର୍ଯ୍ୟାଳୟକୁ ଫୋନ୍ ମାଧ୍ୟମରେ ଯୋଗାଯୋଗ କରିପାରିବେ। ମୋବାଇଲ ନମ୍ବର ଗୁଡ଼ିକ ହେଲା ୭୦୦୮-୮୬୦-୨୩୭ କିମ୍ବା ୯୮୬୧-୯୬୭-୧୦୦।

## ପୋଲାଭରମ ପ୍ରକଳ୍ପ

ପୋଲାଭରମ ପ୍ରକଳ୍ପ ଯୋଗୁଁ କ୍ଷତିଗ୍ରସ୍ତ ହେବାକୁ ଥିବା ମାଲକାନଗିରି ଜିଲ୍ଲା ମୋଟୁ ଅଞ୍ଚଳକୁ କଂଗ୍ରେସର ଏକ ସ୍ୱତନ୍ତ୍ର ଦଳ ଗସ୍ତ କରି ସ୍ଥିତିର ଅନୁଧ୍ୟାନ କରିଛନ୍ତି। କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର

କାଡାମଙ୍କ ନେତୃତ୍ୱରେ କୋରାପୁଟ ସାଂସଦ ସପ୍ତଗିରି ଉଲାକା ଏବଂ ୫ ଜଣ ଦଳର ବିଧାୟକ ମୋଟୁ, ବିନାୟକପୁରୁ ଏବଂ ଆଲମା ଗ୍ରାମ ଗସ୍ତ କରି ସେଠାରେ ଲୋକମାନଙ୍କ ସହ ଆଲୋଚନା କରିଛନ୍ତି ।

***BHK***

## ସ୍ମାରକୀ ଦିବସ- ଭଦ୍ରକ

୧୯୪୨ ମସିହା ଭାରତ ଛାଡ଼ ଆନ୍ଦୋଳନ ସମୟରେ ଭଦ୍ରକ ଜିଲ୍ଲାର ଭଣ୍ଡାରୀପୋଖରୀ ଥାନା ପୋଡ଼ି ସ୍ମାରକୀ ଦିବସ ଆଜି କହରାପୋଖରୀଠାରେ ପାଳିତ ହୋଇଯାଇଛି । ଜିଲ୍ଲା ପ୍ରଶାସନିକ ଅଧିକାରୀ, ପୁଲିସ କର୍ମଚାରୀ, ଜନପ୍ରତିନିଧି ଏବଂ ଜନସାଧାରଣ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଏହି ଦିବସର ମହାତ୍ମ୍ୟ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ ।

***Boudh***

## କୌଶଳ ରଥ ପରିଭ୍ରମଣ

ଯୁବପିଢ଼ିଙ୍କ ମଧ୍ୟରେ ଡିଜିଟାଲ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ କୌଶଳ ରଥ ସମଗ୍ର ରାଜ୍ୟ ପରିଭ୍ରମଣ କରୁଛି । ଚଳିତ ମାସ ୨୮ ତାରିଖରୁ ୪ ଦିନ ବ୍ୟାପୀ ଅତ୍ୟାଧୁନିକ ଜ୍ଞାନକୌଶଳରେ ସଂଯୁକ୍ତ ଏହି ରଥ ବୌଦ୍ଧ ଜିଲ୍ଲା ପରିଭ୍ରମଣ କରିବ । ଏ ନେଇ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।

## ଫୌଜଦାରୀ ଆଇନ ସଚେତନତା

ବୌଦ୍ଧ ଜିଲ୍ଲା ପୁରୁଣାକଟକ ଥାନା ପକ୍ଷରୁ ଦେଶରେ ଲାଗୁ ହୋଇଥିବା ତିନୋଟି ନୂଆ ଫୌଜଦାରୀ ଆଇନ ଏକ ସଚେତନତା ଶିବିରର ଆୟୋଜନ କରାଯାଇଥିଲା । କେନ୍ଦ୍ର ସରକାରଙ୍କ ପକ୍ଷରୁ ଦେଶରେ ଜୁଲାଇ ମାସ ପହିଲାରୁ ଯେଉଁ ତିନୋଟି ଆଇନର କାର୍ଯ୍ୟକାରିତା ହୋଇଛି ସେ ସମ୍ବନ୍ଧରେ ଜନସାଧାରଣଙ୍କ ନିମନ୍ତେ ପୁଲିସ ପକ୍ଷରୁ ଦ୍ୱିତୀୟ ଥର ପାଇଁ ଏହି ଆଇନ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ।

***MET***

## ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ଏହାର ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ ଉପକୂଳରେ ସୃଷ୍ଟ ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ଲାଗି ରହିଛି । ପାଣିପାଗ ବିଭାଗର ସୂଚନା ଅନୁସାରେ ଆସନ୍ତା ସୋମବାର ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ମଧ୍ୟମରୁ ପ୍ରବଳ ବର୍ଷା ହେବ । କେତେକ ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ଥିବାରୁ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାପାଳମାନଙ୍କୁ ସତର୍କ ରହିବା ପାଇଁ କୁହାଯାଇଛି ।

*****